# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11th May - 2025**

**************************************

*Desk*

## ଅସ୍ତ୍ରବିରତି ଉଲ୍ଲଙ୍ଘନ

ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ଆଲୋଚନା ହେବାର କିଛି ଘଣ୍ଟା ପରେ ପାକିସ୍ତାନ ସେନା ପକ୍ଷରୁ ଏହାର ଉଲ୍ଲଙ୍ଘନ କରାଯାଇଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି । ଅପରେସନ ସିନ୍ଦୂର ସମ୍ବନ୍ଧରେ ଗତକାଲି ରାତିରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମିଶ୍ରି କହିଛନ୍ତି, ପାକିସ୍ତାନୀ ସେନା ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନକରି ନିୟନ୍ତ୍ରଣ ରେଖାର ଭାରତ ସୀମାବର୍ତ୍ତୀ ଅଞ୍ଚଳକୁ ଗୁଳିଗୋଳା ବର୍ଷଣ କରାଯାଇଥିଲା । ଜମ୍ମୁ, ରାଜସ୍ଥାନ, ପଞ୍ଜାବ ଏବଂ ଗୁଜରାଟର ସୀମାନ୍ତ ଅଞ୍ଚଳରେ ଏକାଧିକ ଡ୍ରୋନ୍ ଜରିଆରେ ପାକିସ୍ତାନ ସେନା ପକ୍ଷରୁ ଆକ୍ରମଣ କରିବାପାଇଁ ଉଦ୍ୟମ କରାଯାଇଥିଲା । ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ପାକିସ୍ତାନର ସମସ୍ତ ପ୍ରକାର ଆକ୍ରମଣ ଉଦ୍ୟମକୁ ବିଫଳ କରାଯାଇଛି । ଅନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖାରେ ପାକିସ୍ତାନ ସେନା ପକ୍ଷରୁ ସୀମା ଉଲ୍ଲଙ୍ଘନର ପୁନରାବୃତ୍ତି କଲେ ଉଚିତ ଜବାବ ଦେବାପାଇଁ ଭାରତୀୟ ସେନାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

***Voice (Mishri)*** :..........

ଭାରତୀୟ ସେନା ସ୍ଥିତି ଉପରେ ନଜର ରଖିବା ସହିତ ଉଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ତିନି ସେନାର ମୁଖ୍ୟ ଉପସ୍ଥିତ ଥିଲେ । ଗତକାଲି ଦୁଇ ଦେଶର ଡି.ଜି.ଏମ୍.ଓ. ସ୍ତରରେ ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ନେଇ ଆଲୋଚନା ହୋଇଥିଲା ।

*Desk*

# ସର୍ବଧର୍ମ ବୈଠକ

ରାଜଭବନର ନୂଆ ଅଭିଷେକ ପ୍ରକୋଷ୍ଠରେ ଆୟୋଜିତ ସର୍ବଧର୍ମ ବୈଠକରେ ଆତଙ୍କବାଦୀର କୌଣସି ଧର୍ମ ନାହିଁ ଓ ହିଂସାର କୌଣସି ଶାସ୍ତ୍ର ନାହିଁ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ସାମ୍ପ୍ରତିକ ଉତ୍ତେଜନାମୂଳକ ପରିସ୍ଥିତି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଭିନ୍ନ ଗୋଷ୍ଠୀର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଆତଙ୍କବାଦ ମାନବତା ବିରୋଧରେ ଯୁଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

*Cuttack/R*

## ନ୍ୟାୟିକ ଅଭିଲେଖାଗାର

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କଦ୍ୱାରା କଟକ ଜୁଡ଼ିସିଆଲ୍ ଏକାଡେମୀସ୍ଥିତ ନ୍ୟାୟିକ ଅଭିଲେଖାଗାର ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ନ୍ୟାୟିକ ଅଭିଲେଖାଗାର ଆଗାମୀ ଦିନରେ ନ୍ୟାୟିକ ପ୍ରକ୍ରିୟା ଓ ଆଇନ ଛାତ୍ରଛାତ୍ରୀଙ୍କପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଜଷ୍ଟିସ୍ ଟଣ୍ଡନ କହିଛନ୍ତି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଏକ ପ୍ରଦର୍ଶନୀ କକ୍ଷକୁ ମଧ୍ୟ ମୁଖ୍ୟ ବିଚାରପତି ଉଦ୍‌ଘାଟନ କରି ଏହା ସମସ୍ତଙ୍କ ପାଇଁ ଏକ ଆଦର୍ଶ ସମ୍ମିଳିତ କକ୍ଷ ହେବ ବୋଲି ମତବ୍ୟକ୍ତ କରିଥିଲେ ।

*Desk*

## ମହିଳା ଫାସ୍‌ଟ୍ରାକ୍ କୋର୍ଟ

ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଓ ଘରୋଇ ହିଂସାଜନିତ ମାମଲାଗୁଡ଼ିକର ତ୍ୱରିତ ନ୍ୟାୟପ୍ରଦାନ କରିବାପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୫ଟି ମହିଳା ଫାସ୍‌ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ମେଡିକୋ-ଲିଗାଲ୍ ସୋସାଇଟି ଅଫ୍ ଓଡ଼ିଶାର ୪୩ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ଫାସ୍‌ଟ୍ରାକ୍ କୋର୍ଟଗୁଡ଼ିକ ୧ ମାସ ମଧ୍ୟରେ ମାମଲାଗୁଡ଼ିକର ଶୁଣାଣି କରି ଉଚିତ ନ୍ୟାୟ ପ୍ରଦାନ କରିବ ।

*Desk*

# ଲୋକ ଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ଆୟୋଜିତ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧ ଲକ୍ଷ ୯୨ ହଜାରରୁ ଊର୍ଦ୍ଧ୍ୱ ମାମଲାର ଫଇସଲା କରାଯାଇଛି । ଓଡ଼ିଶା ହାଇକୋର୍ଟ ସମେତ ଜିଲ୍ଲା ଓ ତାଲୁକସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ମାମଲାର ଫଇସଲା କରାଯାଇ ମୋଟ୍ ୧୩୦ କୋଟି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ବାବଦରେ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ଭୁବନେଶ୍ୱର ୟୁନିଟ୍ ୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତାକାଲି ବନ୍ଦ ରହିବ । ଆସନ୍ତାକାଲି ବୁଦ୍ଧପୂର୍ଣ୍ଣିମା ଅବସରରେ ସରକାରୀ ଛୁଟି ଥିବାରୁ ଏହି ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯିବ ।

*Desk*

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଆଜି ହେଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ। ୧୯୯୮ ମସିହା ମଇ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜସ୍ଥାନର ପୋଖରାନଠାରେ ସଫଳତାର ସହିତ ପରମାଣୁ ପରୀକ୍ଷା କରିଥିଲେ। ଭାରତର ସାହସିକତାକୁ ବିଶ୍ୱ ଦରବାରରେ ପହଁଞ୍ଚାଇଥିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ନୂତନ ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ତ୍ୱରାନ୍ୱିତତାପାଇଁ ଯୁଗାନ୍ତର" ।

***Desk***

## ଖେଲୋ ଇଣ୍ଡିଆ

ବିହାରର ରାଜଗିରିରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାର ଭାରୋତ୍ତଳନରେ ଜ୍ୟୋସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ଓଡ଼ିଶା ପାଇଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଜ୍ୟୋସ୍ନା ଶବର ମହିଳା ୪୦ କିଲୋଗ୍ରାମ୍ ବର୍ଗରେ ଏବଂ ହର୍ଷବର୍ଦ୍ଧନ ପୁରୁଷ ୪୯ କିଲୋଗ୍ରାମ ବର୍ଗରେ ଭାଗନେଇ ଏହି ସଫଳତା ହାସଲ କରିଛନ୍ତି ।

*Desk*

# ରାଜ୍ୟପାଳ

ସୁସ୍ଥ ସମାଜ, ଶକ୍ତିଶାଳୀ ସମୃଦ୍ଧ ଦେଶ ଗଠନ ନିମନ୍ତେ ମହିଳାମାନଙ୍କପାଇଁ ସମ୍ମାନ, ସୁଯୋଗ ଓ ସମାନତା ସୁନିଶ୍ଚିତ କରିବା ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ମହିଳାଙ୍କ ସଶକ୍ତୀକରଣ ଓ ସମାବେଶୀ ବିକାଶ ଦିଗରେ ସାମୂହିକ ଯାତ୍ରାର ଆବଶ୍ୟକତା ରହିଛି ।

*Met.O.*

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ସାମୁଦ୍ରିକ ବାୟୁମଣ୍ଡଳ ଅଧିକ ଉଷ୍ମ ରହୁଥିବାରୁ ଚଳିତ ବର୍ଷ ମୌସୁମୀ ଆସନ୍ତା ୨୭ ତାରିଖ ସୁଦ୍ଧା କେରଳ ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ପାଣିପାଗ ମଡେଲ୍ ଅନୁସାରେ ଆଉ ଦୁଇଦିନ ପରେ ମୌସୁମୀ ଆରବ ସାଗର ଛୁଇଁବ । ଓଡ଼ିଶାରେ ଚଳିତ ବର୍ଷ ମୌସୁମୀ ଜୁନ୍ ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିବାର ସମ୍ଭାବନା ରହିଛି । ୨୦୦୫ ମସିହାରୁ ୨୦୨୪ ମସିହା ମଧ୍ୟରେ କେବଳ ୨୦୧୫

ମସିହାକୁ ଛାଡ଼ିଦେଲେ ମୌସୁମୀ କେରଳ ଛୁଇଁବା ନେଇ ସଠିକ୍ ଆକଳନ କରାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ ଆଜି ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****